ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ୧୪ ଏପ୍ରିଲ, ୨୦୧୯



# ବିଜେଡି ନାଁରେ ବୁଥ୍ ଜାଲିଆତି ଅଭିଯୋଗ

## ବିଜେଡି ପ୍ରାର୍ଥୀଙ୍କ ଗିରଫ ଦାବିକଲା ଭାଜପା

ଜୟପୁର,୧୩।୪(ଡି.ଏନ୍.ଏ./ନି.ପ୍ର.)

ଜୟପୁର ବିଧାନସଭାର ବିଭିନ୍ନ ମତଦାନ କେନ୍ଦ୍ରରେ ବିଜେଡି ସମର୍ଥକ ଓ କେତେକ ଅସାମାଜିକ ଯୁବକ ରିଗିଂ ଓ ଜାଲିଆତି କରିଛନ୍ତି। ବିଜେଡି ପ୍ରାର୍ଥୀ ରବି ନାରାୟଣ ନନ୍ଦଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ସହ ତାଙ୍କର ଓ ଦଳର ସମର୍ଥକମାନେ ବିଭିନ୍ନ ମାରଣାସ୍ତ୍ର ନେଇ ମତଦାତାଙ୍କୁ ଭୟଭୀତ କରାଇଛନ୍ତି। ଜୟପୁର ପାରାବେଢ଼ା ଦଳୀୟ କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ ଆଣିବା ସହ ବିଜେଡି ପ୍ରାର୍ଥୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଭାଜପା ଦାବି କରିଛି।

ଭାଜପା କହିଛି ଯେ, ଜୟପୁର ସହରର ଚନ୍ଦନବାଡ଼ ଉଚ୍ଚ ବିଦ୍ୟାଳୟ, ଅଡିଟ କଲୋନୀ ପ୍ରାଥମିକ ବିଦ୍ୟାଳୟ, ବ୍ଲକର ଡଙ୍ଗରଛିଞ୍ଚି ପଞ୍ଚାୟତ ସଦର, ଖୁଡ଼ିପି, ଟାଙ୍କୁଆ ପଞ୍ଚାୟତ ସଦର, ଡିମଳା ଗ୍ରାମରେ ବିଜେଡି ଭୋଟିଂରେ ଜାଲିଆତି ଓ ରିଗିଂ କରିଛି। ସେଠାକାର ପ୍ରିଜାଇଡିଂ ଅଫିସରଙ୍କୁ ମଧ୍ୟ ଧମକ ଦିଆଯାଇଥିଲା। ବିଜେଡି ସମର୍ଥକ ଓ କେତେକ ଅସାମାଜିକ ଯୁବକ ଖୁଡ଼ିପି ମତଦାନ କେନ୍ଦ୍ରରେ ପହଞ୍ଚି ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ମତଦାତାଙ୍କୁ ଭୟଭୀତ କରାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ନାମରେ ଏକାଧିକ ଅପରାଧିକ ମାମଲା ରହିଥିବା ବେଳେ ତାଙ୍କ ସହ ରବି ନନ୍ଦଙ୍କ ଫଟୋ ଦେଖାଇ ବିଜେଡିର ଅପରାଧୀଙ୍କ ସହ କି ସମ୍ପର୍କ ରହିଛି ବୋଲି ଭାଜପା ପ୍ରାର୍ଥୀ ଗୌତମ ସାମନ୍ତରାୟ ପ୍ରଶ୍ନ କରିଛନ୍ତି। ଏହାସହ ଖୁଡ଼ିପି ମତଦାନ କେନ୍ଦ୍ରରେ ଅଭିଯୁକ୍ତଙ୍କ ଭିଡିଓ ମଧ୍ୟ ପ୍ରଦର୍ଶନ କରିଥିଲା ଭାଜପା। ବିଜେଡି ଓ କଂଗ୍ରେସର ନେତା ଓ କର୍ମୀ ମତଦାନ କେନ୍ଦ୍ର ଭିତରେ ପ୍ରଚାର କରୁଥିଲେ ମଧ୍ୟ ପ୍ରଶାସନ କିମ୍ବା ପୋଲିସ କିଛି ପଦକ୍ଷେପ ନେଇ ନଥିଲା। ଏନେଇ ୧୧ ତାରିଖ ଅପରାହ୍ନରେ ଉପଖଣ୍ଡ ନିର୍ବାଚନ ଅଧିକାରୀ, ଜିଲାପାଳ ଓ କେନ୍ଦ୍ରିୟ ପର୍ଯ୍ୟବେକ୍ଷକଙ୍କୁ ଅଭିଯୋଗ କରାଯାଇଥିବା ଭାଜପା କହିଛି। ଖବରଦାତା ସମ୍ମିଳନୀରେ ମିଡିଆ ସେଲ ଆବାହକ ଦେବେନ୍ଦ୍ର ବାହିନୀପତି, ଅମରଲାଲ ଆହୁଜା, ଶୁଭେନ୍ଦୁ ବ୍ରହ୍ମା, ବୈଦ୍ୟନାଥ ମିଶ୍ର, ସୁରଭି ପାଣି, ସାଧୁ ଦାଶ ଚୌଧୁରୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ପ୍ରାର୍ଥୀ ଓ ଅନ୍ୟମାନେ।

> କାହା ଚରିତ୍ର କେମିତି ତାହା ଲୋକେ ଭଲ ଭାବରେ ଜାଣିଛନ୍ତି। ତୃତୀୟ ସ୍ଥାନରେ ରହି ନିଜେ ଗୁଣ୍ଡାଗିରି କରିବା, ବିଭିନ୍ନ ଜାଗାରେ ଧମକଚମକ କରୁଥିବା ଟାଲୁଣୀ ହୋଇ ଛୁଞ୍ଚକୁ ଇଙ୍ଗିତ କରିବା ଦୁର୍ଭାଗ୍ୟଜନକ କଥା। ତାଙ୍କର ଆପରାଧିକ ଘଟଣା ଉପରେ ଲୋକେ ଜାଣିଛନ୍ତି। ମୋର ଅଧିକ କିଛି କହିବାର ନାହିଁ।
> - ରବି ନାରାୟଣ ନନ୍ଦ, ବିଜେଡି ପ୍ରାର୍ଥୀ

## ଥାନା ଘେରାଉ ଚେତାବନୀ ଦେଲା କଂଗ୍ରେସ

ଜୟପୁର,୧୩।୪(ନି.ପ୍ର.)

ଖୁଡୁପି ବୁଥ୍ ଘଟଣାରେ ଅଭିଯୁକ୍ତଙ୍କୁ ଅନୁକମ୍ପା ଦେଖାଉଛି ପୋଲିସ। ସେଠାକାର ଗ୍ରାମବାସୀ ୪ ଜଣ ଯୁବକଙ୍କୁ ଧରି ପୋଲିସ ଜିମା ଦେଇଥିବା ବେଳେ ପୋଲିସ ସେମାନଙ୍କୁ ଛାଡ଼ି ଦେଇଛି। ଅନ୍ୟ ୨ ମୁଖ୍ୟ ଅପରାଧୀଙ୍କୁ ବର୍ତ୍ତମାନ ସୁଦ୍ଧା ଧରିନାହିଁ ପୋଲିସ। ବିଜେଡି ଚାପରେ ପୋଲିସ ଅପରାଧୀଙ୍କୁ ସହଯୋଗ କରୁଥିବା ଅଭିଯୋଗ ଆଣିବା ସହ ସଦର ଥାନା ଘେରିବାକୁ ଚେତାବନୀ ଦେଇଛନ୍ତି ତାରାପ୍ରସାଦ ବାହିନୀପତି। ୧୧ ତାରିଖ ମୁଖି ଖୁଡୁପିରେ ମତଦାନ ଚାଲିଥିବା ବେଳେ ୬ ଜଣ ଯୁବକ ମାରଣାସ୍ତ୍ର ଧରି ବିଜେଡିକୁ ଭୋଟ ନଦେଲେ ଗୁଳି କରିବାକୁ ଧମକ ଦେଇଥିଲେ। ଗ୍ରାମବାସୀ ସେମାନଙ୍କୁ କାବୁ କରି ପୋଲିସ ଜିମା ଦେଇଥିବା ବେଳେ ୨ ଜଣ ଚମ୍ପଟ ମାରିଥିଲେ। ଅନ୍ୟ ୪ ଜଣଙ୍କୁ ପ୍ରମାଣ ନ ଥିବା ଆଳରେ ପୋଲିସ ଛାଡ଼ିଦେଇଥିଲା। କେନ୍ଦ୍ରରେ ଘଟିଥିବା ଆତଙ୍କରାଜ ଓ ଅଭିଯୁକ୍ତଙ୍କ ଭିଡିଓ ଓ ଫଟୋ ମୋବାଇଲରେ ଭାଇରାଲ ହୋଇଛି। ଏହାସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସେମାନଙ୍କୁ ଖସାଇବା ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି ବାହିନୀପତି।

> ତଦନ୍ତ ଚାଲିଛି। କାର୍ଯ୍ୟାନୁଷ୍ଠାନ ନିଆଯିବ।
> - ସାଗରିକା ନାଥ, ଏସ୍‌ଡିପିଓ

## ସଂକ୍ଷେପରେ

### ଗଣେଶ ମନ୍ଦିରରୁ ଚୋରି ଉଦ୍ୟମ ପଣ୍ଡ

ଜୟପୁର,୧୩।୪(ନି.ପ୍ର.): ଜୟପୁର ପୁରୁଣାଗଡ଼ ସ୍ଥିତ ଗଣେଶ ମନ୍ଦିରରେ ଚୋରି ଉଦ୍ୟମ ପଣ୍ଡ ହୋଇଛି। ଦୁର୍ବୃତ୍ତମାନେ ପଛପଟ କାନ୍ଥ ଡେଇଁ ମନ୍ଦିର ଭିତରେ ପ୍ରବେଶ କରିବା ପରେ ସିସିଟିଭି କ୍ୟାମେରାକୁ ଉପରକୁ ବୁଲାଇ ଦେଇଥିଲେ। ଏହାପରେ ମନ୍ଦିର ଟ୍ରେଜେରୀ ଭାଙ୍ଗିବାକୁ ଚେଷ୍ଟା କରି ବିଫଳ ହେବା ପରେ ଫେରିଯାଇଥିଲେ। ଶନିବାର ସକାଳୁ ମନ୍ଦିରର ପୂଜାରୀ ଟ୍ରେଜେରୀକୁ ଦେଖିବା ପରେ ଘଟଣା ବିଷୟରେ ସମସ୍ତଙ୍କୁ ଜଣାଇଥିଲେ। ଏନେଇ ଏତଲା ହେବା ପରେ ପୋଲିସ ତଦନ୍ତ ଚଳାଇଛି।

### ଆଇନଜୀବୀ ସଂଘ ପ୍ରଥମ ସାଧାରଣ ପରିଷଦ ବୈଠକ

ଜୟପୁର,୧୩।୪(ଡି.ଏନ୍.ଏ.): ଜୟପୁର ସ୍ଥିତ ଜିଲା ଆଇନଜୀବୀ ସଂଘର ନିର୍ବାଚିତ ନୂତନ କର୍ମକର୍ତ୍ତାଙ୍କ ପ୍ରଥମ ସାଧାରଣ ପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ନବ ନିର୍ବାଚିତ ସଭାପତି ସରୋଜ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂପାଦକ ରବୀନ୍ଦ୍ର ପାତ୍ର ବିଭିନ୍ନ ବାବଦକୁ ହୋଇଥିବା ଖର୍ଚ୍ଚର ବିବରଣୀ ଦେଇଥିଲେ। ୫ ମାସ ହେଲାଣି ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଆଲୋଚନା ହୋଇଥିଲା। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ। ଜାମିନ ଆବେଦନ ଓ କିଛି ଦେୱାନୀ ମାମଲାର ପିଟିସନ ଦାଖଲ କରିବା ପାଇଁ ଆନ୍ଦୋଳନ କୋହଳ କରିବା ପାଇଁ କେତେକ ଆଇନଜୀବୀ ନିଜ ପକ୍ଷ ରଖିଥିଲେ। ବୈଠକରେ ଉପସଭାପତି ଶରତ ମାଝି, ସହ ସଂପାଦକ ଗିରିଧର ଖରା, କୋଷାଧ୍ୟକ୍ଷ ହରିଶ ମୁଦୁଲି, କାର୍ଯ୍ୟକାରିଣୀ ସଦସ୍ୟ ଆନନ୍ଦ ରଥ, ରେଜିଆ ବେଗମ, ପି. ଜଗଦିଶ୍ୱର ରାଓ, କେ. ଦିବାକର, ବରିଷ୍ଠ ଆଇନଜୀବୀ ନଟେନ୍ଦ୍ରନାଥ ନାୟକ, ଶଶାନନ୍ଦ ମିଶ୍ର, ଦାଶରଥୀ ପଟ୍ଟନାୟକ, ବିରେଶ ପଟ୍ଟନାୟକ, ସୁଧାଂଶୁ ମିଶ୍ର, ରବୀନ୍ଦ୍ର ପଣ୍ଡା, ପି. ରମେଶ ପାତ୍ର, ସୁବାସ ପଣ୍ଡା ଉପସ୍ଥିତ ଥିଲେ।

### ମାଡ଼ରେ ଗୁରୁତର ଥିବା ଯୁବକଙ୍କ ମୃତ୍ୟୁ

କୁନ୍ଦୁରା,୧୩।୪(ଡି.ଏନ୍.ଏ.): କୁନ୍ଦୁରା ଥାନା କେରିମିଟି ପଞ୍ଚାୟତ ପାଣ୍ଡ୍ରିମାଟି ଗ୍ରାମର ଜଣେ ବିବାହିତ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗଙ୍ଗାଧର ସାନ୍ତା (୩୭)। ପୋଲିସ ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଗଙ୍ଗାଧର ଭୋଟ୍ ଦେବା ପାଇଁ ଗାଁକୁ ଆସିଥିଲେ। ତେବେ ଭୋଟ୍ ପୂର୍ବରୁ ଗତ ୯ ତାରିଖ ଶ୍ୱଶୁର ଘର ଗାଁ ଯବାପଦରକୁ ଯାଇଥିଲେ। କୌଣସି କଥାକୁ ନେଇ ସେହି ଗାଁର ଯୁବକଙ୍କ ସହ ଗଙ୍ଗାଧରଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ କେତେକ ଯୁବକ ନିସ୍ତୁକ ମାଡ଼ ମାରିବା ଯୋଗୁ ଗଙ୍ଗାଧର ତଳେ ପଡ଼ିଯିବା ପରେ ତାଙ୍କର ମୃତ୍ୟୁ ହୋଇଥିବା ଭାବି ଅଭିଯୁକ୍ତମାନେ ତାଙ୍କୁ ଛାଡ଼ି ଚାଲିଯାଇଥିଲେ। ଶ୍ୱଶୁରଘର ଲୋକେ ଗଙ୍ଗାଧରଙ୍କୁ ମୁମୂର୍ଷୁ ଅବସ୍ଥାରେ ପ୍ରଥମେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରୁ ଲମତାପୁଟ ସ୍ଥିତ ଘରୋଇ ଚିକିତ୍ସାଳୟକୁ ନିଆଯିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ପୋଲିସ ଦଫା ୩୦୨ରେ ଏକ ହତ୍ୟା ମାମଲା (୩୮/୧୯) ରୁଜୁକରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଭବାନୀ ମୁଦୁଲି କହିଛନ୍ତି।

■ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିମ୍ନମାନର ରାସ୍ତାକାମ

## ଧାରଣା ଦେଲେ ୫ ଗାଁର ବାସିନ୍ଦା


ରାସ୍ତା ଅବରୋଧ କରୁଛନ୍ତି ଗ୍ରାମବାସୀ।

କୋରାପୁଟ,୧୩।୪(ସ୍ୱ.ପ୍ର.)

କୋରାପୁଟ ବ୍ଲକ ଝଡ଼ିଗୁଡ଼ାରୁ ଗୁଣ୍ଡାଗୁଡ଼ା ଯାଏ ନିର୍ମାଣାଧୀନ ରାସ୍ତା ନିମ୍ନମାନର ଅଭିଯୋଗ ହୋଇଛି। ଝଡ଼ିଗୁଡ଼ାଠାରେ ୫ରୁ ଅଧିକ ଗାଁର ଶତାଧିକ ଗ୍ରାମବାସୀ ଏଥିରେ ଅସନ୍ତୋଷ ପ୍ରକାଶ କରି ଧାରଣା ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୧୮-୧୯ ଆର୍ଥିକ ବର୍ଷରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଝଡ଼ିଗୁଡ଼ାରୁ ଗୁଣ୍ଡାଗୁଡ଼ା ଯାଏ ପ୍ରାୟ ୮.୧୯୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରୁଥିବା ପିଚୁରାସ୍ତା ଅତି ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୪.୩୯ କିମି ପିଚୁରାସ୍ତା ପାଇଁ ୨୦୧୮ ଅକ୍ଟୋବର ୩ରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅଧା ଇଞ୍ଚରୁ କମ୍ ପିଚୁ ପକାଇ କାମ କରାଯାଉଛି। ଫଳରେ ଗାଡ଼ି ଗଲେ ରାସ୍ତାରୁ ପିଚୁ ଉଠିଯାଉଥିବା ଅଭିଯୋଗ ହୋଇଛି। ଝଡ଼ିଗୁଡ଼ା, ଗୁଣ୍ଡାଗୁଡ଼ା, ଝୋଲାଗୁଡ଼ା, ବିଲାପୁଟ ଗ୍ରାମର ଶତାଧିକ ଗ୍ରାମବାସୀ ଶନିବାର ଝଡ଼ିଗୁଡ଼ାରେ ଏକତ୍ରିତ ହୋଇ ଧାରଣା ଦେଇ ରାସ୍ତା ଅବରୋଧ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ପାଇଁ ସେମାନେ ଦାବିପତ୍ର ଦେଇଛନ୍ତି। ଜିଲା ପ୍ରଶାସନ ସଂପୃକ୍ତ ଠିକାଦାରଙ୍କୁ ତାଗିଦ୍ କରିବା ସହ ଠିକ୍ ଭାବେ କାର୍ଯ୍ୟ କରିବାକୁ ଦାବି କରିଛନ୍ତି।

## ବ୍ରିଟିଶ ଗଣହତ୍ୟାର ଶତବାର୍ଷିକୀ ପାଳିତ

ଜୟପୁର,୧୩।୪(ନି.ପ୍ର.)

ଜୟପୁର ସ୍ଥିତ ଶ୍ରମିକ ଭବନରେ ଶନିବାର ଜାଲିଆନାୱାଲାବାଗ୍‌ରେ ବ୍ରିଟିଶ ଗଣହତ୍ୟାର ଶତବାର୍ଷିକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସିପିଆଇର କୋରାପୁଟ ଜିଲା ଶାଖା ପକ୍ଷରୁ ପ୍ରମୋଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତିସଭାରେ ପ୍ରଥମେ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଇଂଲଣ୍ଡ ସରକାର ସାର୍ବଜନୀନ କ୍ଷମା ପ୍ରାର୍ଥନା କରିବା ଦାବି ହୋଇଥିଲା।

### ସ୍ମୃତିରେ ଭାସିଲା ଜାଲିଆନୱାଲାବାଗ୍‌ର ଚିତ୍ର

୧୯୧୯ ଏପ୍ରିଲ ୧୩ରେ ବ୍ରିଟିଶ ଶାସକଙ୍କ ଅତ୍ୟାଚାରରେ କ୍ଷୁବ୍ଧ ହୋଇ ତଥା ଜାତୀୟ ନେତାମାନଙ୍କ ଗିରଫଦାରୀର ପ୍ରତିବାଦରେ ସାଧାରଣ ଜନତା ଜାଲିଆନାୱାଲାବାଗ୍ ବଗିଚାରେ ସମବେତ ହୋଇଥିଲେ। ସେଦିନ ପଞ୍ଜାବିମାନଙ୍କର ବୈଶାଖ ପର୍ବ ଥିବାରୁ ହଜାର ହଜାର ଲୋକେ ଉପସ୍ଥିତ ଥିଲେ। ପ୍ରତିବାଦ ସଭାକୁ ଭଣ୍ଡୁର କରିବା ପାଇଁ ବ୍ରିଟିଶ ସେନା ସେଠାରେ ପହଞ୍ଚି ଆଖିବୁଜା ଗୁଳି ଚଳାଇଥିଲେ। ଚାରିପଟେ ବିରାଟ ପାଚେରି ଘର ବଗିଚା ବାହାରକୁ କେହି ଯାଇ ନପାରି ଗୋଟିଏ କୂଅ ଭିତରକୁ ଡେଇଁପଡ଼ିଥିଲେ। ଏହା ଇତିହାସରେ ଅନ୍ଧକୂପ ହତ୍ୟା ଭାବେ ରହିଛି। ସେହି ମୃତକମାନଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ସଭାରେ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ବେଣୁ ମାଧବ ସାହୁ, ପ୍ରଦୀପ ପାଙ୍ଗିଆ ଉପସ୍ଥିତ ଥିଲେ।



ସିପିଆଇ ପକ୍ଷରୁ ଜାଲିଆନୱାଲାବାଗ୍ ହତ୍ୟା ଘଟଣାର ଶତବାର୍ଷିକୀ ସ୍ମୃତିରେ ଆୟୋଜିତ ସଭା।

## ପୂଜା ପାଇଲେ ମର୍ଯ୍ୟାଦା ପୁରୁଷୋତ୍ତମ

ଜୟପୁର,୧୩।୪(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସହରର ବିଭିନ୍ନ ମନ୍ଦିରରେ ଶନିବାର ରାମନବମୀ ପାଳିତ ହୋଇଛି। ରଘୁନାଥ ମନ୍ଦିର, ଜାମଲ ଲେନରେ ଥିବା ରାମ ମନ୍ଦିର, ଢେପଗୁଡ଼ା ରାମ ମନ୍ଦିର, ପାୱାର ହାଉସ ହନୁମାନ ମନ୍ଦିର, ଶିରିଡି ସାଇବାବା ମନ୍ଦିର, ବସ୍‌ଷ୍ଟାଣ୍ଡ ନିକଟସ୍ଥ ହନୁମାନ ମନ୍ଦିର, ମେନରୋଡ୍ ହନୁମାନ ମନ୍ଦିରରେ ରାମନବମୀ ପାଳନ କରାଯାଇଛି। ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ ଓ ପୂଜା ପାଇଁ ଏହି ସବୁ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶର ହିନ୍ଦୀ ଭାଷାଭାଷୀ ସଂପ୍ରଦାୟର ଜୟପୁର ସହର ଓ ଆଖପାଖରେ ରହୁଥିବା ବାସିନ୍ଦାଙ୍କ ଶ୍ରୀହରି ସଂଘ ସେବା ସମିତି ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା। ସମିତି ପକ୍ଷରୁ ପ୍ରସାଦ ସେବନରେ ୨ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ସେହିପରି ରଥପଡ଼ିଆ ଛକସ୍ଥିତ ରଘୁନାଥ ମନ୍ଦିରରେ ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଲାଗିଥିଲା। ଏଠାରେ ୯ ଦିନ ଧରି ପୂଜାପାଠ, ହୋମଯଜ୍ଞ ସହ ରାମାୟଣ ପାଠ ହେବ। ପ୍ରଭୁ ଶ୍ରୀରାମଙ୍କ ଶନିବାର ବିଶେଷ ପୂଜା, ହୋମ ସହ ଜନ୍ମବିଧି ପାଳିତ ହୋଇଥିଲା। ରାମ ନବମୀ ଅବସରରେ ଶ୍ରୀଜୀଉଙ୍କୁ ରାମ ଅବତାର କରାଯାଇଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖସ୍ଥ ତ୍ରିପତି ବାଲାଜି ମନ୍ଦିରରେ ମଧ୍ୟ ରାମବେଶ ହୋଇଥିଲା। ସ୍ଥାନୀୟ ମହାତ୍ମା ଗାନ୍ଧି ରୋଡ ଓ ସୌରାଗୁଡ଼ାସ୍ଥିତ ଶିରିଡି ସାଇବାବା ମନ୍ଦିରରେ ଶ୍ରୀରାମ ନବମୀ ଅବସରରେ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ପ୍ରଭାତରୁ ବାବାଙ୍କ ପ୍ରତିମୂର୍ତ୍ତିର ଅଭିଷେକ, ବ୍ରତ, ଭକ୍ତ ମାନଙ୍କ ସାମୁହିକ ପୂଜାର୍ଚ୍ଚନା, ପ୍ରସାଦ ସେବନ ସହ ସଂଧ୍ୟାରେ ସିରିଡି ସାଇବାବାଙ୍କ ବିଗ୍ରହ ପରିବର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ କୋଟିଆରେ ଆନ୍ଧ୍ରର ୨ ବୁଥ୍ ସତ୍ତ୍ୱେ

## ଓଡ଼ିଶାର ୯ ବୁଥ୍‌ରେ ୭୧.୮୪% ଭୋଟିଂ

କୋରାପୁଟ,୧୩।୪(ସ୍ୱ.ପ୍ର.)

ପ୍ରଥମ ପର୍ଯ୍ୟାୟ ମତଦାନରେ କୋରାପୁଟ ଜିଲା ସୀମାନ୍ତ କୋଟିଆରେ ଓଡ଼ିଶାର ୯ଟି ବୁଥ୍‌ରେ ୭୧.୮୪ ପ୍ରତିଶତ ମତଦାନ ହୋଇଛି। ଚଳିତ ବର୍ଷ ପଟ୍ଟାଙ୍ଗି ବିଧାନସଭା ଅନ୍ତର୍ଗତ କୋଟିଆର ନେରେଡିବାଲସା ଗ୍ରାମରେ ୨ଟି ବୁଥ୍ କରିଥିଲା ଆନ୍ଧ୍ର। କୋରାପୁଟ ଜିଲା ପ୍ରଶାସନ କୋଟିଆ ସଦର ବୁଥ୍ ସମେତ ରଣାସିଂ, ତଳକାଣ୍ଡି, ଫଗୁଣସିନେରୀ, ମାଡକାର, ଗଞ୍ଜେଇପଦର, ଗୁମେଲପଦର, ଥୁରିଆ, ତାଉପଦର ଆଦି ୯ଟି ସ୍ଥାନରେ ମତଦାନ କେନ୍ଦ୍ର କରିଥିଲା। ସେଥିରୁ କୋଟିଆ ସଦର ବୁଥ୍‌ରେ ସମୁଦାୟ ୫୬୬ ଭୋଟରଙ୍କ ମଧ୍ୟରୁ ୩୮୫ ଜଣ ମତ ଦେଇଥିବା ବେଳେ ସେଥିରେ ୨୦୭ ଜଣ ପୁରୁଷ, ୧୭୮ ଜଣ ମହିଳା ରହିଛନ୍ତି। ରଣାସିଂ ବୁଥ୍‌ରେ ୬୪୭ ଜଣ ଭୋଟରଙ୍କ ମଧ୍ୟରୁ ମାତ୍ର ୧୧୬ ଜଣ ମତଦାନ କରିଥିବାବେଳେ ସେଥିରେ ୬୮ ଜଣ ପୁରୁଷ ଓ ୪୮ ଜଣ ମହିଳା ରହିଛନ୍ତି। ତଳକାଣ୍ଡି ବୁଥ୍‌ରେ ୨୬୭ ଭୋଟରଙ୍କ ମଧ୍ୟରୁ ୨୨୪ ଜଣ ଭୋଟ୍ ଦେଇଥିବା ବେଳେ ସେଥିରେ ୧୦୮ ପୁରୁଷ ଓ ୧୧୬ ମହିଳା ରହିଛନ୍ତି। ଫଗୁଣସିନେରି ବୁଥ୍‌ରେ ୬୭୨ ଭୋଟରଙ୍କ ମଧ୍ୟରୁ ୪୮୨ ଜଣ ମତ ଦେଇଛନ୍ତି। ସେଥିରେ ୨୪୨ ଜଣ ପୁରୁଷ ଓ ୨୪୦ ଜଣ ମହିଳା ରହିଥିଲେ। ମାଡକାର ବୁଥ୍‌ରେ ସମୁଦାୟ ୩୬୧ ଭୋଟରଙ୍କ ମଧ୍ୟରୁ ୨୩୮ ଭୋଟିଂ ହୋଇଥିବା ବେଳେ ସେଥିରେ ୧୦୩ ପୁରୁଷ ଓ ୧୩୫ ମହିଳା ରହିଛନ୍ତି। ଗଞ୍ଜେଇପଦର ବୁଥ୍‌ରେ ୭୩୬ ଜଣ ଭୋଟରଙ୍କ ମଧ୍ୟରୁ ୪୯୮ ଭୋଟିଂ, ସେଥିରେ ୨୫୦ ପୁରୁଷ ଓ ୨୪୮ ମହିଳା ରହିଛନ୍ତି। ଗୁମେଲପଦର ବୁଥ୍‌ରେ ୬୦୫ ଭୋଟରଙ୍କ ମଧ୍ୟରୁ ୪୪୪ ଭୋଟିଂ, ସେଥିରେ ୨୦୬ ପୁରୁଷ ଓ ୨୩୮ ମହିଳା ରହିଛନ୍ତି। ଥୁରିଆ ବୁଥ୍‌ରେ ୭୭୭ ଜଣ ଭୋଟରଙ୍କ ମଧ୍ୟରୁ ୬୪୭ ଭୋଟିଂ, ସେଥିରେ ୩୦୨ ପୁରୁଷ ଓ ୩୪୫ ମହିଳା ରହିଛନ୍ତି। ତାଉପଦର ବୁଥ୍‌ରେ ୯୩୬ ଭୋଟରଙ୍କ ମଧ୍ୟରୁ ୭୧୪ ଭୋଟିଂ, ସେଥିରେ ୩୫୨ ପୁରୁଷ ଓ ୩୬୨ ମହିଳା ରହିଛନ୍ତି। ତେବେ ଜିଲା ପ୍ରଶାସନ ନେରେଡିବାଲସାରେ ବୁଥ୍ କରିଥିଲେ କୋଟିଆ ଭୋଟହାର ବଢ଼ିଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


ଦାମନଯୋଡ଼ି ନାଲ୍‌କୋ ଟାଉନ୍‌ସିପ୍ ସେକ୍ଟର-୨ ସ୍ଥିତ ଶିରିଡିସାଇ ମନ୍ଦିରରୁ ବାହାରିଥିବା ଚଭାଡ଼ି ଯାତ୍ରା।


ଜୟପୁରସହରସ୍ଥିତ ରଘୁନାଥ ମନ୍ଦିରରେ ଶ୍ରୀରାମ ନବମୀ ପାଇଁ ପୂଜାର୍ଚ୍ଚନା।

ପୂର୍ବ ତଟ ରେଳପଥ
ନିର୍ମାଣ କାର୍ଯ୍ୟ
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ETCECON..., ତା: 10.04.2019
... (Approach Road) ...
EMD : ₹ 14,48,700.00 ...
... ₹ 11,600.00 ...
12(ବାର) ମାସ।
... ତା 02.05.2019 ...
http://www.ireps.gov.in ...



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ଏପ୍ରିଲ ୧୪/୨୦୧୯ Rayagada, Sunday, April 14 / 2019







## ସଂକ୍ଷେପରେ

### ସତ୍ୟସାଇ ମନ୍ଦିର ପକ୍ଷରୁ ରକ୍ତଦାନ ଶିବିର



**ଚିତ୍ରକୋଣ୍ଡା,୧୩।୪(ଡି.ଏନ.ଏ.):** ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଭୁକ୍ତ ଚିତ୍ରକୋଣ୍ଡା ସହରରେ ଥିବା ସତ୍ୟସାଇ ମନ୍ଦିର ପକ୍ଷରୁ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଶିବିରରେ ୬୦ ଜଣ ରକ୍ତଦାନ କରିଥିବା ଜଣାପଡିଛି। ମୋଟ ୪୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିବିର ସତ୍ୟସାଇ ମନ୍ଦିରର ସଭାପତି ରାମା ରାଓ, ଏମ.ଶ୍ରୀନିବାସ ନାୟକ, ସମାଜସେବୀ କେ. ଶ୍ରୀନିବାସ ରାଓଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ସଦସ୍ୟ ଏମ.ଚିରଞ୍ଜୀବୀ,ଏସ.ଗୋବିନ୍ଦ, ସନ୍ତୋଷ ପରିଚାଳନା କରିଥିଲେ।

## ■ ଗୁଣିଗାରେଡିକୁ କେନ୍ଦ୍ର କରି ହତ୍ୟା ଘଟଣା

# ଗିରଫ ହେଲେ ୧୦ ଫେରାର ଅଭିଯୁକ୍ତ

**କାଲିମେଳା,୧୩।୪(ଡି.ଏନ.ଏ.)**

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଏମଭି-୭୯ ଥାନା ଅନ୍ତର୍ଗତ କଟନପାଲ୍ଲି ଗ୍ରାମର ରାମା କାଟାମଙ୍କୁ ହତ୍ୟା କରି ପୋଡି ଦେବା ଘଟଣାରେ ଏମଭି-୭୯ ପୋଲିସ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସେହି ଗ୍ରାମର ୧୦ ଜଣଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣା ଘଟିବାର ୮ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତମାନେ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଗିରଫ କରିପାରି ନ ଥିଲା । ତେବେ ଏମଭି-୭୯ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ଜଣାପଡିଛି। ଗିରଫ ବ୍ୟକ୍ତିମାନେ ହେଲେ କାଟନପାଲ୍ଲି ଗ୍ରାମର ଆସି ମୁଡା, ସୁନାମ ଦେଶା, ପୁନେମ ସିଙ୍ଗା, କାଟାମ ଜଗା, କାଟାମ ଏଙ୍କା, କାଟାମ ମାଲା, ସୁନାମ ଏରା, ମାଡକାମି ଜଗା, ମାଡକାମି ମୁଡା, ଆସି କାନା ପ୍ରମୁଖ। ଗୁଣିଗାରେଡିକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ହୋଇଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି। ଘଟଣାରୁ ଜଣାପଡିଛି ରାମା ସେହି ଗ୍ରାମରେ ପୂର୍ବରୁ ଗୁଣି ଗାରେଡି କରୁଥିଲେ। ଫଳରେ ଗ୍ରାମର କିଛି ଲୋକଙ୍କ ଦେହ ଖରାପ ହେବା ସହ ବିଭିନ୍ନ ପ୍ରକାର କ୍ଷତି ହେଉଥିଲା। ରାମାଙ୍କୁ ରାସ୍ତାରୁ ହଟାଇବା ପାଇଁ ଗ୍ରାମର କେତେକ ବ୍ୟକ୍ତି ଯୋଜନା କରିଥିଲେ । ଏନେଇ ପୂର୍ବରୁ ଗ୍ରାମବାସୀଙ୍କ ମଧ୍ୟରେ ବୈଠକ ହୋଇଥିଲା। ଗତ ୬ ତାରିଖରେ ରାମା ନିଜ ଘର ନିକଟରେ ଥିବା ଏକ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ତାଙ୍କୁ ଚାରିପଟୁ ଘେରିଯାଇ ନିକଟରେ ପଡିଥିବା ପଥର, ଠେଙ୍ଗାରେ ନିସ୍ତୁକ ମାଡ ମାରିଥିଲେ। ମାଡ ମାରୁଥିବା ସମୟରେ ରାମାଙ୍କ ସ୍ତ୍ରୀ ଓ ଝିଅ ପହଞ୍ଚି ରାମାଙ୍କୁ ଛାଡିଦେବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ । ଅତ୍ୟଧିକ ମାଡ ଖାଇ ରାମା ଗୁରୁତର ହୋଇପଡିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ଗିରଫ ଅଭିଯୁକ୍ତମାନେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି । ଅଭିଯୁକ୍ତମାନେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ରାମାଙ୍କ ମୃତଦେହକୁ ଘରଠାରୁ ୫ ଶହ ମିଟର ଦୂର ଏକ ଗଛ ମୂଳକୁ ନେଇ ପୋଡି ଦେଇଥିଲେ । ଘଟଣା ସମ୍ପର୍କରେ କାହାକୁ କିଛି ନ କହିବା ପାଇଁ ରାମାଙ୍କ ଝିଅ ସୁମିତା କାଟାମଙ୍କୁ ଧମକ ଦେଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ସୁମିତା ଭୟରେ କାହାକୁ କିଛି କହି ନ ଥିଲେ। ପରେ ସୁମିତା ଭାଇ ସହାୟତାରେ ଗତ ରବିବାର ଏମଭି-୭୯ ଥାନାରେ ଏହି ୧୦ ଜଣଙ୍କ ନାମରେ ଏତଲା ଦେଇଥିଲେ । ଏମଭି-୭୯ ପୋଲିସ ଉକ୍ତ ଗ୍ରାମକୁ ଯାଇ ମଶାଣିରୁ ରାମାଙ୍କ ହାଡ,ପାଉଁଶ ଜବତ କରି ପରୀକ୍ଷା ପାଇଁ ପଠାଇଥିଲା। ଏନେଇ ଏମଭି-୭୯ ଥାନା ରେ ୩୧/୧୯ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ରାମାଙ୍କୁ ହତ୍ୟା କରିଥିବା ଅଭିଯୁକ୍ତମାନେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି ବୋଲି ତଦନ୍ତ ଅଧିକାରୀ ଏସଆଇ ହରିଶ ଗୋଲରି କହିଛନ୍ତି।

# ଶ୍ରୀରାମ ନବମୀ ଅବସରରେ କଳସ ଶୋଭାଯାତ୍ରା

**ଚିତ୍ରକୋଣ୍ଡା,୧୩।୪(ଡି.ଏନ.ଏ.)**



ରାମନବମୀରେ ମହିଳାଙ୍କ କଳସ ଶୋଭାଯାତ୍ରା।

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଭୁକ୍ତ ଚିତ୍ରକୋଣ୍ଡା ସହରର ବ୍ୟାଙ୍କ ଲାଇନସ୍ଥିତ ଶ୍ରୀ ବୀର ବଜରଙ୍ଗୀ ପୀଠଠାରେ ପବିତ୍ର ଶ୍ରୀରାମ ନବମୀ ଅବସରରେ ଶନିବାର ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କଳସ ଯାତ୍ରା ବନଦୁର୍ଗା ପୀଠସ୍ଥ ନଦୀଘାଟରୁ ୧୦୮ ଜଣ ମହିଳା ପୂଜାର୍ଚ୍ଚନା କରି ପାଣି ଉଠାଇ ଚିତ୍ରକୋଣ୍ଡା ନଗର ପରିକ୍ରମା କରି ବୀରବଜରଙ୍ଗୀ ପୀଠରେ ପହଞ୍ଚିଥିଲେ। ପୀଠରେ ଜଳ କଳସ ପହଞ୍ଚିବା ପରେ ପୂଜାର୍ଚ୍ଚନା, ଆଳତି ହୋଇ ଶ୍ରୀରାମନବମୀ ପାଳିତ ହୋଇଛି। ରବିବାର ଉକ୍ତ ପୀଠରେ ହନୁମାନ ଜୟନ୍ତୀ ଅବସରରେ ଚାରିପ୍ରହର ନାମଯଜ୍ଞ ସହ ହୋମ ଯଜ୍ଞ, ସୁନ୍ଦରାକାଣ୍ଡ ପାଠ ହେବାର କାର୍ଯ୍ୟକ୍ରମ ରହିଛି। କଳସ ଶୋଭାଯାତ୍ରା ପୂଜକ ବିଜୟ ପଣ୍ଡା ଓ କର୍ତ୍ତା କୈଳାସ ଚନ୍ଦ୍ର ପଣ୍ଡା, ଭାର୍ଗବୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିଲା।

# ବାଲିମେଳାରେ ଶ୍ରୀରାମ ନବମୀ

**ବାଲିମେଳା,୧୩।୪(ଡି.ଏନ୍.ଏ.)**



ମନ୍ଦିରରେ ସଂକୀର୍ତ୍ତନ ଚାଲିଛି।

ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ଶ୍ରୀରାମନବମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଶନିବାର ଭୋରରୁ ପୂଜାର୍ଚ୍ଚନା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ମନ୍ଦିରରେ ନାମ ସଂକୀର୍ତ୍ତନ, ହୋମଯଜ୍ଞ, ଭାଗବତ ପାଠ ସହ ଶ୍ରୀରାମ, ଲକ୍ଷ୍ମଣ, ମାତା ସୀତା ଏବଂ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଛି। ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ମନ୍ଦିରକୁ ସୁନ୍ଦର ତୋରଣ ଓ ଆଲୋକମାଳାରେ ସଜ୍ଜାଯାଇଛି। ସଂକୀର୍ତ୍ତନରେ ଭାଗ ନେବା ପାଇଁ ଆଖପାଖ ଅଞ୍ଚଳର ବହୁ ସଂକୀର୍ତ୍ତନ ଦଳ ସାମିଲ ହୋଇଛନ୍ତି। ମନ୍ଦିର କମିଟି ତଥା ଟ୍ରଷ୍ଟ ପକ୍ଷରୁ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ


ଟିକିରିରେ ଛାତ୍ରୀଛାତ୍ର ବିଭିନ୍ନ ବେଶରେ ସଜ୍ଜିତ ହୋଇ ପରିକ୍ରମା କରୁଛନ୍ତି ।


ଗୁଣପୁରରେ ବିଭିନ୍ନ ବେଶରେ ସଜ୍ଜିତ ହୋଇଥିବା ଛାତ୍ରୀଛାତ୍ର ।


ମୁନିଗୁଡ଼ାରେ ଛାତ୍ରୀଛାତ୍ର ଶ୍ରୀରାମ ଓ ହନୁମାନ ବେଶ ଧାରଣ କରି ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଛନ୍ତି ।

## ସଂକ୍ଷେପରେ

### ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି

**ଜେକେପୁର, ୧୩।୪(ଡି.ଏନ୍.ଏ):** ରାୟଗଡା ଜିଲା ଜେକେପୁରରେ ଗତ ଶୁକ୍ରବାର ରାତିରେ ବର୍ଷା ହୋଇଥିଲା। ଫଳରେ ଅମ୍ଲାଭଟ୍ଟା ଛକ ନିକଟ ନାଗାବଳୀ ନଦୀ ଉପରେ ଥିବା ପୋଲରେ ପାଣି ଜମି ରହିଛି । ରକ୍ଷଣାବେକ୍ଷଣ ଅଭାବରୁ ସାମାନ୍ୟ ବର୍ଷା ହେଲେ ଏହି ପୋଲ ଉପରେ ଆଣ୍ଠୁଏ ପାଣି ଛିଡା ହେଉଛି । ଫଳରେ ଜନସାଧାରଣଙ୍କ ଗମନାଗମନରେ ଅସୁବିଧା ହେଉଛି । ସେହିପରି ଜେକେପୁରଠାରୁ କୁମୁଟିପେଣ୍ଟ ନିକଟରେ ଥିବା ସେତୁର ମଧ ଏକାଅବସ୍ଥା। ସାମାନ୍ୟ ବର୍ଷା ହେଲେ ଏଠାରେ ମଧ୍ୟ ବର୍ଷାଜଳ ଜମି ରହୁଛି । ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି ।

### ବ୍ରାହ୍ମଣ ସମାଜର ନାମଯଜ୍ଞ



**ଟିକିରି, ୧୩।୪ (ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଗୋକୁଳ ପଣ୍ଡାଠାରେ ବ୍ରାହ୍ମଣ ସମାଜ ତରଫରୁ ଶ୍ରୀରାମ ନବମୀ ଓ ଓଡ଼ିଆ ନବବର୍ଷ ଉପଲକ୍ଷେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞରେ ଆବାହନ ଜଳ ଅଧିବାସ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

### ମା' ଗଙ୍ଗାଦେବୀ ଠାକୁରାଣୀ ଯାତ୍ରା



**ଟିକିରି, ୧୩।୪ (ଡି.ଏନ୍.ଏ.):** କାଶୀପୁର ଟିକିରିସ୍ଥିତ ମା' ଗଙ୍ଗାଦେବୀ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଯାତ୍ରା ୯ ଦିନ ଧରି ଚାଲିବ । ଏଥିରେ ପୂଜକ ଉମାଶଙ୍କର ଦଣ୍ଡସେନା ପୂଜା କରୁଛନ୍ତି। ପ୍ରତ୍ୟେକ ଦିନ ମା'ଙ୍କୁ ନଗର ପରିକ୍ରମା କରାଯିବା ସହ ଗୋଟିଏ ଗୋଟିଏ ସାହିରେ ଠାକୁରାଣୀଙ୍କୁ ଫୁଲ, ଚନ୍ଦନ ଦେଇ ପୂଜା ପାଠ କରାଯାଉଛି ।

### ଗଣେଶ ମନ୍ଦିରରୁ ଚୋରି ଉଦ୍ୟମ ପଣ୍ଡ

**ଜୟପୁର,୧୩।୪(ନି.ପ୍ର.):** ଜୟପୁର ପୁରୁଣାଗଡ଼ ସ୍ଥିତ ଗଣେଶ ମନ୍ଦିରରେ ଚୋରି ଉଦ୍ୟମ ପଣ୍ଡ ହୋଇଛି। ଦୁର୍ବୃତ୍ତମାନେ ପଛପଟ କାନ୍ଥ ଡେଇଁ ମନ୍ଦିର ଭିତରେ ପ୍ରବେଶ କରିବା ପରେ ସିସିଟିଭି କ୍ୟାମେରାକୁ ଉପରକୁ ବୁଲାଇ ଦେଇଥିଲେ। ମନ୍ଦିର ଟ୍ରେଜେରୀ ଭାଙ୍ଗିବାକୁ ଚେଷ୍ଟା କରି ବିଫଳ ହେବା ପରେ ଫେରିଯାଇଥିଲେ। ସକାଳେ ପୂଜାରୀ ଟ୍ରେଜେରୀକୁ ଦେଖି ଥାନାରେ ଏତଲା ଦେଇଥିଲେ।

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS2019016, ତା: 10.04.2019
**କାର୍ଯ୍ୟର ନାମ :** କୋରାପୁଟ-ସିଙ୍ଗାପୁର ଦୋହରୀକରଣ ପ୍ରକଳ୍ପ : ପୂର୍ବ ତଟ ରେଳପଥର ୱାଲଟିୟର ମଣ୍ଡଳ ଅନ୍ତର୍ଗତ କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ଲାଇନ୍‌ରେ ବୈଦ୍ୟୁତିକ ଜେନେରାଲ୍ ସର୍ଭିସ୍ କାର୍ଯ୍ୟ ଗୁଡ଼ିକ ସହିତ ଲକ୍ଷ୍ମୀପୁର ରୋଡ୍, ଧଉରାହା, ସିଙ୍ଗରାମ୍ ଓ ଟିକିରି ଷ୍ଟେସନ ଗୁଡ଼ିକ ଠାରେ ଷ୍ଟେସନ ବିଲ୍ଡିଂ, ସର୍ଭିସ୍ ବିଲ୍ଡିଂ, କର୍ମଚାରୀ ବାସଗୃହ, ପ୍ଲାଟ୍‌ଫର୍ମ, ପ୍ଲାଟ୍‌ଫର୍ମ ସେଲଟର, ଫୁଟ ଓଭର ବ୍ରିଜ୍, ଆପ୍ରୋଚ ରାସ୍ତା (Approach Road) ନିର୍ମାଣ, ଯାତ୍ରୀ ସୁବିଧା କାର୍ଯ୍ୟ, ପରିକ୍ଷେତ୍ର ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 2597.32ଲକ୍ଷ, EMD : ₹ 14,48,700.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 12(ବାର)ମାସ।
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 02.05.2019ର 1200 ଘ. ରେ
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-07/CC/19-20

# ସୀତାରାମଙ୍କ ବିବାହ ସମ୍ପନ୍ନ

**ରାୟଗଡା ଅଫିସ୍, ୧୩।୪**


ରାମ,ସୀତା,ହନୁମାନକୁ ଏକ ରଥରେ ପରିକ୍ରମା କରାଯାଉଛି ।

ରାୟଗଡା ସହରର ସମସ୍ତ ରାମମନ୍ଦିର ଓ ଅନ୍ୟାନ୍ୟ ମନ୍ଦିରଗୁଡିକରେ ଶ୍ରଦ୍ଧାଳୁମାନେ ରାମନବମୀ ପାଳନ କରିଛନ୍ତି । ବ୍ରାହ୍ମଣସାହିସ୍ଥିତ ରାମ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଖେତାନାଞ୍ଜିତୋଟା ରାଧାକୃଷ୍ଣ ମନ୍ଦିର, ନ୍ୟୁକଲୋନୀସ୍ଥିତ ରାମ ମନ୍ଦିର, ଶ୍ରଦ୍ଧା ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ପ୍ରବଳ ଜନସମାଗମ ହୋଇଥିଲା । ବିଶେଷକରି ତେଲୁଗୁ ସମ୍ପ୍ରଦାୟର ଲୋକେ ସୀତାରାମଙ୍କ ପ୍ରତିମୂର୍ତ୍ତିକୁ ସ୍ଥାପନ କରି ମହାଆଡମ୍ବର ସହକାରେ ବିବାହ ସମ୍ପନ୍ନ କରିଥିଲେ । ରାଣୀଗୁଡାସ୍ଥିତ ଭେଙ୍କେଟେଶ୍ୱର ମନ୍ଦିର, ନ୍ୟୁକଲୋନୀସ୍ଥିତ ରାମ ମନ୍ଦିର, ଗାନ୍ଧୀନଗରସ୍ଥିତ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ ସୀତାରାମଙ୍କ ବିବାହ କରାଇଥିଲେ । ରାମ ନବମୀ ଅବସରରେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ପ୍ରତିମୂର୍ତ୍ତିକୁ ଏକ ସୁସଜ୍ଜିତ ରଥରେ ସ୍ଥାପନ କରି ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରାଯାଇଥିଲା । ଶ୍ରଦ୍ଧାଳୁମାନେ ନାଚଗୀତ ଏବଂ ସଂକୀର୍ତ୍ତନରେ ସହରର ବିଭିନ୍ନ ଅଞ୍ଚଳ ରଥକୁ ବୁଲାଇଥିଲେ । ଏଥିସହ ମନ୍ଦିରରେ ଗୀତା, ଭାଗବତ ଓ ରାମାୟଣ ପାରାୟଣ କରାଯାଇଥିଲା । ଅପରପକ୍ଷରେ ରାମନବମୀ ଅବସରରେ ପିଏଚ୍‌ଡି ହନୁମାନ ମନ୍ଦିରରେ ଭକ୍ତମାନେ ବଜରଙ୍ଗୀମାଳା ଧାରଣ କରି ଦୀକ୍ଷା ଗ୍ରହଣ କରିଥିଲେ । କମିଟି ପକ୍ଷରୁ ହନୁମାନଙ୍କ ସହ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ରଥରେ ନଗର ପରିକ୍ରମା କରିଥିଲେ । ୨୧ଦିନ ଧରି ମାଳାଧାରୀମାନେ ହନୁମାନ ମନ୍ଦିରରେ ରହି ରାମ ନାମ ଜପ କରିବା ସହ ଯଜ୍ଞ କରାଯିବା ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି ।

# ଜିଆଇଇଟିରେ ଜାତୀୟସ୍ତରୀୟ ଆଲୋଚନାଚକ୍ର


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଗୁଣପୁର,୧୩।୪(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଜିଆଇଇଟି ସିଭିଲ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଦିନିକିଆ ଜାତୀୟସ୍ତରୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ଆଡଭାନ୍ସମେଣ୍ଟ ଇନ ସର୍ଭିଙ୍ଗ ଟେକ୍ନୋଲୋଜି ସନ୍ଦର୍ଭକୁ ନେଇ ଆୟୋଜିତ ଆଲୋଚନାଚକ୍ରରେ ବିଶାଖାପାଟଣାସ୍ଥିତ ଗୀତମ ବିଶ୍ୱବିଦ୍ୟାଳୟର ପ୍ରଫେସର ଡି.ମୁକୁନ୍ଦ ରାଓ ଯୋଗଦେଇ ଜିପିଏସଜିଆଇଏସକୁ ବ୍ୟବହାର କରି ଟ୍ରାଫିକ ନିୟନ୍ତ୍ରଣ ତଥା ଭୂତଳୀୟ ଖଣିଜ ସମ୍ପଦର ସନ୍ଧାନ କରାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଡ.କେ.ସେନ୍ଥିଲ କୁମାର ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟ ରିସର୍ଚ୍ଚ ପ୍ରଫେସର ଭି.ମାଧବ ରାଓ ଯୋଗଦେଇ ଆଲୋଚନାଚକ୍ର ଦ୍ୱାରା ଛାତ୍ରୀଛାତ୍ରଙ୍କ ଭବିଷ୍ୟତରେ ଗବେଷଣା କ୍ଷେତ୍ରରେ ବିଶେଷ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଜୈବ ପ୍ରଯୁକ୍ତି ବିଭାଗ ମୁଖ୍ୟ ଡ.ମନୋଜ ଦାସ ଯୋଗଦେଇ ବର୍ଜ୍ୟବସ୍ତୁ ପରିଚାଳନାରେ ସର୍ଭିଙ୍ଗ ଟେକ୍ନୋଲଜିର ବ୍ୟବହାର ବିଷୟରେ କହିଥିଲେ । କେମିକାଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ରାଧାକୃଷ୍ଣ ପାଢୀ ମଞ୍ଚାସୀନ ଥିଲେ । ସିଭିଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ତଥା ଆବାହକ ପ୍ରଫେସର ଆଶିଷ କୁମାର ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ପ୍ରଫେସର ବିଷ୍ଣୁପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଏହି ଆଲୋଚନାଚକ୍ରରେ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ ।

# ବିଭିନ୍ନ ସ୍ଥାନରେ ରାମନବମୀ ପାଳିତ

**ଗୁଣପୁର/ମୁନିଗୁଡ଼ା/ଟିକିରି, ୧୩।୪(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଶନିବାର ଶ୍ରୀରାମ ନବମୀ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ପିଲାମାନେ ଶ୍ରୀରାମ, ସୀତା, ଲକ୍ଷ୍ମଣ, ହନୁମାନ ଆଦି ବେଶରେ ସଜ୍ଜିତ ହୋଇ ପୁରୁଣା ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବାହାରି ଶ୍ରୀରାମମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ । ଅନୁଷ୍ଠାନରେ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ହୋମ, ପୂଜାର୍ଚ୍ଚନା କରାଯାଇଥିଲା । ପ୍ରଧାନାଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ତଥା ପ୍ରବଚିକା ସଂଯୁକ୍ତା ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀରାମଙ୍କ ଲିଳାଖେଳ ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନ ସଭାପତି ଲଳିତ ବୈଦ୍ୟଭୂଷଣ, ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ, ବିବେକାନନ୍ଦ କନ୍ୟାକୁମାରୀ ଶାଖା ସଂଯୋଜିକା ପ୍ରତିଭା ରଥ ପ୍ରମୁଖ ଯୋଗ ଦେଇଥିଲେ। ବେଶରେ ସଜ୍ଜିତ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଗୁଣପୁର ରାମମନ୍ଦିରଠାରେ ମଧ୍ୟ ଯଥାରୀତି ଅନୁଯାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିଲାଗି ମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ମୁନିଗୁଡାର ବିଭିନ୍ନ ହନୁମାନ ମନ୍ଦିର ସହ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ରାମ ମନ୍ଦିର, ଜଗ କଲୋନୀସ୍ଥିତ ତ୍ରିନାଥ ମନ୍ଦିରରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ପ୍ରାତଃରୁ ଅବକାଶ ମଇଲମ, ମଙ୍ଗଳ ଆରତି, ମଙ୍ଗଳ ସ୍ନାନ ପରେ ରୀତିନୀତି ପୂଜାର୍ଚ୍ଚନା କରାଯାଇଥିଲା । ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କୁନି କୁନି ଛାତ୍ରୀଛାତ୍ର ଶ୍ରୀରାମ ଓ ହନୁମାନ ବେଶ ଧାରଣ କରି ମୁନିଗୁଡାର ବିଭିନ୍ନ ମନ୍ଦିର ପରିକ୍ରମା କରିଥିଲେ । ସେହିପରି କାଶୀପୁର ବ୍ଲକ ଟିକିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଏଠାରେ ଶ୍ୟାମ ସୁନ୍ଦର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ସାହୁ ଶ୍ରୀରାମ ନବମୀ ବିଷୟରେ କହିଥିଲେ। ଏଥିରେ ତପସ୍ୱିନୀ ବେହେରାଙ୍କ ସମେତ ଅନ୍ୟ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ। ଛାତ୍ରୀଛାତ୍ର ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ବେଶ ହୋଇ ନଗର ପରିକ୍ରମା କରିଥିଲେ । ସମସ୍ତ ବେଶଧାରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଅଭିମନ୍ୟୁ ସାହୁ, ବସନ୍ତ ମଞ୍ଜରୀ ପଟ୍ଟନାୟକ, କାମିନୀ କୁମାରୀ ଦେଈ, ବନିତା ପଟ୍ଟନାୟକ, ସୁନୀତା ନାୟକ, ଲିପିଶ୍ରୀ ଦତ୍ତ, ପଦ୍ମାଳୟା ସାମଲ, ଅମ୍ବିକା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଟିକିରି ଅନୁମାନ ମନ୍ଦିରଠାରେ ମଧ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଏଠାରେ ହୋମ ଯଜ୍ଞ ଆୟୋଜିତ ହୋଇଥିଲା।

# ଝଞ୍ଜାବତୀ ନଦୀରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ରାୟଗଡା ଅଫିସ୍, ୧୩।୪**



ରାୟଗଡା ସହରର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିର ନିକଟରେ ଯାଇଥିବା ଝଞ୍ଜାବତୀ ନଦୀ ତଟରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀଜଣକ ହେଲେ ସହରର ମେନରୋଡ୍‌ରେ ଥିବା ଚର୍ଚ୍ଚ ନିକଟରେ ରହୁଥିବା ଅନୀତା କସିମକୋଟା(୨୫)। ଗତ ଗୁରୁବାର ଅନୀତା ତାଙ୍କର କିଛି ସାଥୀଙ୍କ ସହ ମତଦାନ କରିବା ପାଇଁ ଘରୁ ଯାଇଥିଲେ । ହେଲେ ରାତି ପର୍ଯ୍ୟନ୍ତ ଆଉ ଘରକୁ ଫେରି ନ ଥିଲେ । ଘର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଅନିତାଙ୍କ କୌଣସି ପତ୍ତା ପାଇ ନ ଥିଲେ । ପରେ ମତଦାନ କେନ୍ଦ୍ରରେ ପଚାରି ବୁଝିବାରୁ ସେ ମତଦାନ କରିବା ପାଇଁ ଆସି ନ ଥିବା ଜାଣିବାକୁ ପାଇଥିଲେ। ଶୁକ୍ରବାର ଅନୀତାଙ୍କ ମା' ସରୋଜିନୀ ରାୟଗଡା ଥାନାରେ ଝିଅ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ । ତେବେ ଶନିବାର ସକାଳୁ ଝଞ୍ଜାବତୀ ନଦୀ ତଟରୁ ତାଙ୍କର ମୃତ ଦେହ ଉଦ୍ଧାର କରାଯାଇଛି । ଅନୀତା ସ୍ଥାନୀୟ ଉପଜିଲାପାଳଙ୍କ ନିକଟରେ ଥିବା ମାଛ ବଜାରରେ ମାଛ ବିକ୍ରି କରନ୍ତି । କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ଏନେଇ ଏକ ଅପମୃତ୍ୟୁ ମାମଲା (ନଂ ୧୩/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।


ଜେକେ କାଗଜକଳ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱର୍ଣ୍ଣ ପକ୍ଷରୁ ଜଣେ ମହିଳାଙ୍କୁ ଛେଳି ଦିଆଯାଉଛି।

# ଅଟୋ-ଟିପ୍ପରର ଧକ୍କା, ୮ ଆହତ

**ଟିକିରି,୧୩।୪ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ କୁଚେଇପଦର ଗ୍ରାମ ନିକଟ ଏକ ବୁଲାଣିରେ ଶନିବାର ଅଟୋ ଓ ଟିପ୍ପର ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୮ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ଉତ୍କଳ ଆଲୁମିନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ରାୟଗଡ଼ା ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ଅଟୋ ଚାଳକ ଅନନ୍ତ ଉତରା , ଦୁରେଇଘାଟି ଗ୍ରାମର କୈଳାସ ଖୋସଲା, ଦଶମନ୍ତପୁର ବ୍ଲକ ଦଣ୍ଡଯୋଡ଼ି ଗ୍ରାମର ପୀତବାସ ମୁଦୁଲି,ଚେତନ୍ୟ ଝୋଡିଆ, କୁପାଖାଲ ଗ୍ରାମର ହୀରାବତୀ ନାଏକ, କସକଟା ଗ୍ରାମର କୃଷ୍ଣ ଝୋଡିଆ, ଅଖିଳ ଯୋଡ଼ିଆ, ଡମ୍ବରୁଧର ସାହୁ । ସେମାନଙ୍କ ମଧ୍ୟରୁ କୃଷ୍ଣ ଓ ଅନନ୍ତଙ୍କ ଅବସ୍ଥା ଗୁରୁତର ରହିଛି। ପୂର୍ବାହ୍ନ ୧୦ଟାରେ କୁଚେଇପଦର ପଞ୍ଚାୟତ ଦୁରେଇଘାଟି ଗ୍ରାମରୁ ଏକ ଅଟୋ (ଓଡି୧୮ଇ ୩୧୯୦) ଯାତ୍ରୀଙ୍କୁ ଧରି ଟିକିରି ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ମେଟାଲ ବୋଝେଇ ଟିପ୍ପର (ଓଆର୧୮ସି ୮୩୧୯) ସହ ଡଙ୍ଗାସିଲ ରାସ୍ତାର ଏକ ବୁଲାଣିରେ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଟିପ୍ପର ଚାଳକ ଫେରାର ହୋଇଯାଇଥିବା ଜଣାଯାଇଛି ।

# ଜେକେ କାଗଜକଳର ଉନ୍ନୟନ କାର୍ଯ୍ୟକ୍ରମ

**ଜେକେପୁର, ୧୩।୪(ଡି.ଏନ୍.ଏ)**

ରାୟଗଡା ଜିଲା ଚାନ୍ଦିଲି ପଞ୍ଚାୟତ ଜେକେପୁରସ୍ଥିତ ଜେକେ କାଗଜକଳ ସ୍ଥାନୀୟ ଅଞ୍ଚଳର ଆଦିବାସୀମାନଙ୍କ ଜୀବନ ଜୀବୀକା ବିକାଶ କ୍ଷେତ୍ରରେ ଅଗ୍ରଣୀଭୂମିକା ଗ୍ରହଣ କରିଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱର୍ଣ୍ଣ ଆନୁକୂଲ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ପରି ଅନେକ ଜନହିତକର କାର୍ଯ୍ୟ ହାତକୁ ନେବା ସହ ପାଖାପାଖି ୨୦୦ଟି ଗ୍ରାମରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଛି । ଶୁକ୍ରବାର କୋଲନରା ବ୍ଲକ୍ ଅଧିନ ଜାମୁଲେଲିବାଡି ଗ୍ରାମର ଟାଙ୍ଗିମ ସ୍ୱୟଂ ସହାୟକ ଗୋଷ୍ଠୀର ୧୦ଜଣ ସଦସ୍ୟଙ୍କୁ ପାଳନ ପାଇଁ ଛେଳି ବଣ୍ଟାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜେକେ କାଗଜକଳ କାର୍ଯ୍ୟନିର୍ବାହୀ ଉପସଭାପତି ପବନ କୁମାର ସୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ମାଧ୍ୟମରେ ହିତାଧିକାରୀମାନଙ୍କୁ ଋଣ ପ୍ରଦାନ କରାଯାଇଥିଲା । ୨୦୧୪ ରୁ ଜେକେ କାଗଜକଳ ଓ ସ୍ୱର୍ଣ୍ଣ ସହାୟତାରେ ପିଟେସୁ, ଗୌଡଲେଲିବାଡି ଓ ଲେଲିବାଡି ଗ୍ରାମରେ ଏପରି ପ୍ରକଳ୍ପ ଦ୍ୱାରା ହିତାଧିକାରୀମାନେ ପ୍ରଚୁର ଲାଭବାନ ହୋଇଥିବା ବରିଷ୍ଠ ପ୍ରବନ୍ଧକ ହରିହର ଖମାରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ କୋଲନରାର ଶାଖା ପରିଚାଳକ ଅର୍ଜୁନ ମହାଙ୍କୁଡ, କୋଲନରା ପ୍ରାଣୀଧନ ଚିକିତ୍ସକ ଡା. ପ୍ରିୟବ୍ରତ ପାତ୍ର, ସ୍ୱର୍ଣ୍ଣର ବରିଷ୍ଠ ପ୍ରବନ୍ଧକ ସତନଜୀବ ବରାଳ ଓ ଲୋକ ସମ୍ପର୍କ ଅଧିକାରୀ ସୁନୀଲ କୁମାର ନାଥ ଉପସ୍ଥିତ ଥିଲେ ।

# ଆଦିବାସୀଙ୍କ ନିଆରା ପରବ ଚଇତି


ମା' ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଉଛି ।

**ଜେକେପୁର, ୧୩।୪(ଡି.ଏନ୍.ଏ)**

ରାୟଗଡା ଜିଲା ଚାନ୍ଦିଲି ପଞ୍ଚାୟତ ବଡଚାନ୍ଦିଲିଠାରେ ଆଦିବାସୀଙ୍କ ନିଆରା ପରବ ଚଇତି ଆରମ୍ଭ ହୋଇଛି । ଦୀର୍ଘ ଏକମାସ ଧରି ପାଳନ ହେବାକୁ ଥିବା ଏହି ଚୈତ୍ର ପରବରେ ପ୍ରଥମ ୭ଦିନ ହୋଲିଖେଳ ଆୟୋଜିତ ହେବାସହ ଗ୍ରାମଦେବୀଙ୍କ ପୂଜାପାଠ କରାଯିବ। ଉଗାଦୀ ପାଳନ ପରେ ଶୁକ୍ରବାର ଗାଁରେ ମଣ୍ଡପ ତିଆରି କରାଯାଇ ଗ୍ରାମଦେବତା ଆଲାମତି ପଲୁମତିଙ୍କୁ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା । ଦିସାରି ଆଲାୟା ଜାକାକା, ସାଉନ୍ତ ବସନ୍ତ ପେଦେଣ୍ଟି, ମୋହନ ପେଦେଣ୍ଟି, ଧନିଆ ବିଡିକା ଗାଁରେ ଏକ ମାସ ଧରି ଯାତ୍ରା ପାଳନ ହେବ ବୋଲି କହିଛନ୍ତି । ଏହି ଉପଲକ୍ଷେ ଲୋକମାନେ ମାଂସ ଓ ମହୁଲ ନୂଆ ଖାଇଥିଲେ। ଶନିବାର କାନ୍ଦୁଲ ଉଜା ଓ ଚାଷକାମ ଆରମ୍ଭ ହୋଇଛି । ଗାଁ ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା କରାଯାଇ ହଳଦୀ ପାଣିରେ ଗାଧୁଆ ଯାଇଥିଲା। ଗାଁର ମଙ୍ଗଳ ଓ ଭଲ ଫସଲ ପାଇଁ ଏହି ପରବ ପାଳନ କରାଯାଏ ବୋଲି ଗାଁର ପୂଜକ କହିଛନ୍ତି ।

